# ହିଂସା ଓ ନିଶାମୁକ୍ତ ପଞ୍ଚାୟତ

**2018-Sep-21 |** ଭୁବନେଶ୍ୱର




ହିଂସା ଓ ନିଶାମୁକ୍ତ ପଞ୍ଚାୟତ ଗଠନ ଲାଗି ମହିଳା ଲୋକ ପ୍ରତିନିଧିମାନଙ୍କୁ ନେଇ ଗଠିତ ମହାସଂଘ ଅଲିଭା ଫେଡେରେସନ ତାହାର ଉଦ୍ୟମ ଜାରି ରଖିଛି । ଆଗାମୀ ଦିନରେ ଅଧିକରୁ ଅଧିକ ମହିଳା ଲୋକ ପ୍ରତିନିଧିଙ୍କୁ ଏଥିରେ ସାମିଲ କରାଯିବ ବୋଲି ଆଜି ଏଠାରେ ମହିଳା ଲୋକପ୍ରତିନିଧି ଓ ଗଣମାଧ୍ୟମକୁ ନେଇ ଆୟୋଜିତ କର୍ମଶାଳାରେ କୁହାଯାଇଛି ।

ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍‌ସ କଲଚରାଲ ସେଣ୍ଟର (ପିକକ୍) ଓ ଦି ହଙ୍ଗର ପ୍ରୋଜେକ୍ଟର ମିଳିତ ସହାୟତାରେ ଆୟୋଜିତ ଏହି କର୍ମଶାଳାରେ ବାଲିଅନ୍ତା ଓ ବୋଲଗଡ ବ୍ଲକର ମହିଳା ଲୋକପ୍ରତିନିଧିମାନେ ଯୋଗ ଦେଇଥିଲେ । ବାଲିଅନ୍ତା ବ୍ଲକ ଅଲିଭା ଫେଡେରେସନର ସଭାପତି ତଥା ବେଣୁପୁର ସରପଞ୍ଚ ରଶ୍ମିତା ପାତ୍ର, ବୋଲଗଡ ଅଲିଭା ସଭାପତି ତଥା ବୋଲଗଡ ସରପଞ୍ଚ ବବିତା ସାହୁ, ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଓ ପିକ୍‌କର ମିନାକ୍ଷୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଉପସ୍ଥିତ ମହିଳା ଲୋକପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀମତୀ ମହାନ୍ତି ଶାସନ ବ୍ୟବସ୍ଥାରେ ମହିଳା ପ୍ରତିନିଧିମାନେ ନିଜ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ ବାଲିଅନ୍ତା ଓ ବୋଲଗଡର ୨୩ଟି ପଞ୍ଚାୟତର ୨୨୩ ଜଣ ମହିଳା ଲୋକପ୍ରତିନିଧି ଏହି ଅଭିଯାନରେ ସାମିଲ ଅଛନ୍ତି ।

ମହିଳା ଲୋକ ପ୍ରତିନିଧିମାନେ କିଭଳି ସରକାରୀ କାର୍ଯ୍ୟବ୍ୟବସ୍ଥା ବିଶେଷକରି ପଞ୍ଚାୟତର ଅର୍ଥ ପରିଚାଳନା ସଂକ୍ରାନ୍ତରେ ଭଲଭାବେ ବୁଝି ଉନ୍ନୟନ କାର୍ଯ୍ୟକୁ ଆଗକୁ ନେବେ ସେ ସଂକ୍ରାନ୍ତରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଉଛି ।

କର୍ମଶାଳାରେ ଉପସ୍ଥିତି ମହିଳା ପ୍ରତିନିଧିମାନେ ସେମାନଙ୍କର ସଫଳତାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ବେଣୁପୁର ସରପଞ୍ଚ ଶ୍ରୀମତୀ ପାତ୍ର ନିଜ ଅଞ୍ଚଳକୁ ନିଶାମୁକ୍ତ କରିଥିବାବେଳେ ଏଥିପାଇଁ ପିକକ୍ ସେମାନଙ୍କୁ ସାହସ ଯୋଗାଉଥିବା କହିଥିଲେ ।

ବୋଲଗଡ ସରପଞ୍ଚ ବବିତା ସାହୁ ନାରୀ ନିର୍ଯ୍ୟାତା ଓ ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଅଲିଭା ଫାଉଣ୍ଡେସନର କାର୍ଯ୍ୟ ସଂକ୍ରାନ୍ତରେ ଉଲ୍ଲେଖ କରିଥିଲେ । ସତ୍ୟଭାମାପୁରର ନାଏବ ସରପଞ୍ଚ ସାବିତ୍ରୀ ସାହୁ ନିଜସ୍ୱ ଉଦ୍ୟମରେ ଘରୋଇ ହିଂସାର ସମାଧାନ, ଭଇଁଚୁଆ ପଞ୍ଚାୟତର ୱାର୍ଡମେମ୍ବର ଲକ୍ଷ୍ମୀପ୍ରିୟା ସାହୁ ବାଲ୍ୟବିବାହ ରୋକିବା, ବାଲିଅନ୍ତାର ୱାର୍ଡମେମ୍ବର ବିଜୟିନୀ ପାତ୍ର ବିଦ୍ୟାଳୟରେ ଥିବା ଅସୁବିଧାକୁ ଦୂର କରିବା ସହିତ ଘରୋଇ ହିଂସା ରୋକିବା ଓ ଆବଶ୍ୟକ ସ୍ଥାନରେ ନଳକୂପ ଖନନ କରିଥିବା କହିଥିଲେ ।

ପୂରଣ ପଞ୍ଚାୟତର ୱାର୍ଡମେମ୍ବର ସ୍ୱପ୍ନା ଭୋଇ ନିଜ ଅଞ୍ଚଳର ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ସହିତ ଜଣେ ଦୁଃସ୍ଥ କର୍କଟରୋଗୀଙ୍କୁ ସହାୟତା କରିଥିବା ଦର୍ଶାଇଥିଲେ । ସେହି ପଞ୍ଚାୟତର ୱାର୍ଡମେମ୍ବର ଶାନ୍ତିଲତା ପ୍ରଧାନ ଭିନ୍ନକ୍ଷମଙ୍କୁ ସରକାରୀ ସହାୟତା କରିଥିବାବେଳେ ଭିଙ୍ଗାରପୁରର

ୱାର୍ଡମେମ୍ବର ଗୀତାଞ୍ଜଳୀ ଦାସ ଜଣେ ଗରିବ ଲୋକଙ୍କୁ ସରକାରୀ ଘର ପାଇବାରେ ଉପୁଜିଥିବା ପ୍ରତିବନ୍ଧକ ଦର୍ଶାଇଥିଲେ ।

ପୁରୁଷଙ୍କ ପ୍ରତିଦ୍ୱନ୍ଦୀଙ୍କ ସହିତ ଲଢି ବିଜୟୀ ହୋଇଥିବା ବୋଲଗଡ ୱାର୍ଡମେମ୍ବର ଅଞ୍ଜନା ସ୍ୱାଇଁ ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିବା କହିଥିଲେ । ୱାର୍ଡମେମ୍ବର ପୁଷ୍ପଲତା ପାଇକରାୟ ନିଜ ଅଞ୍ଚଳରେ ଜଳ ସମସ୍ୟାର ସମାଧାନ କଥା କହିଥିଲେ ।

---

ସେୟାର କରନ୍ତୁ